

ଜମିଜମା ମାମଲାର ହେବ ତ୍ୱରିତ ଫଇସଲା

# ସପ୍ତାହକୁ ୩ ଦିନ କୋର୍ଟ କରିବାକୁ ରାଜସ୍ୱ ପର୍ଷଦର ନିର୍ଦ୍ଦେଶ

**କଟକ, ୨୪।୪(ସମିସ)**

ରାଜ୍ୟରେ ପଡ଼ି ରହିଥିବା ହଜାର ହଜାର ଜମିଜମା ମାମଲାର ଶୀଘ୍ର ସମାଧାନ ଏବଂ ସାଧାରଣ ଜନତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ରାଜସ୍ୱ ପର୍ଷଦ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜସ୍ୱ ପର୍ଷଦର ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟର ୪୧ଟି ରିଭିଜନାଲ୍ କୋର୍ଟର କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟାକୁ ଶାଣିତ କରାଯାଇଛି। ବିଶେଷକରି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀଲିଙ୍ଗରାଜଙ୍କ ଜମି ସମସ୍ୟାର ସମାଧାନକୁ ସର୍ବାଧିକ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସାଧାରଣ ଲୋକେ ଯେପରି କୋର୍ଟ କାର୍ଯ୍ୟ ପାଇଁ ହଇରାଣ ନ ହେବେ, ସେଥିପାଇଁ ସମସ୍ତ ପ୍ରିଜାଇଡିଂ ଅଫିସରଙ୍କୁ ସପ୍ତାହରେ ଅତିକମ୍‌ରେ ୩ ଦିନ ନିୟମିତ କୋର୍ଟ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପାଖାପାଖି ୭୬, ୦୦୦ ମାମଲା ବିଚାରାଧୀନ ରହିଥିବା ବେଳେ ଏଗୁଡ଼ିକର ଫଇସଲା ପାଇଁ ପାରାୱାଇଜ୍ ରିପୋର୍ଟ ଏବଂ ନିମ୍ନ ଅଦାଲତର କାଗଜାତକୁ ଯଥାଶୀଘ୍ର ଦାଖଲ କରିବାକୁ ତହସିଲ ଓ ବନ୍ଦୋବସ୍ତ କାର୍ଯ୍ୟାଳୟଗୁଡ଼ିକୁ କୁହାଯାଇଛି। ଯଦି କୌଣସି କେସ୍‌ରେ ଅର୍ଜିଦାତା କ୍ରମାଗତ ୩ ଥରରୁ ଅଧିକ ଅନୁପସ୍ଥିତ ରହନ୍ତି, ତେବେ ସମ୍ପୃକ୍ତ କେସ୍‌ଟିକୁ ଖାରଜ କରିଦିଆଯିବ ବୋଲି ଶ୍ରୀ ସାହୁ ସ୍ପଷ୍ଟ କରିଛନ୍ତି। ସରକାରୀ ଲିଜ୍ ଜମି, ଜଙ୍ଗଲ କିସମ ଜମି ସମେତ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ଉପରେ ପର୍ଷଦ ସର୍ବାଧିକ ଗୁରୁତ୍ୱାରୋପ କରିଛି। ମହାପ୍ରଭୁଙ୍କ ଜମିକୁ ବେଆଇନ କବ୍‌ଜାରୁ ରକ୍ଷା କରିବା ପାଇଁ ରାଜସ୍ୱ ଅଧିକାରୀ ଓ ଜିଲ୍ଲାପାଳମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜମି ଦୁର୍ନୀତି ରୋକିବା ସହ ସାଧାରଣ ହିତାଧିକାରୀଙ୍କୁ ହଇରାଣ କରୁଥିବା ପୁରାତନ କବଲା ମାମଲାଗୁଡ଼ିକୁ ନୂତନ ଏସଓପି ଅନୁଯାୟୀ ତହସିଲ କାର୍ଯ୍ୟାଳୟକୁ ପଠାଇ ଶୀଘ୍ର ଶେଷ କରିବାକୁ କୁହାଯାଇଛି। ନ୍ୟାୟିକ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସିସିଏମ୍‌ଏସ୍ (ସିସିଏମଏସ ୨.୦)ର ସଦୁପଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। କୋର୍ଟରେ ହେଉଥିବା ପ୍ରତ୍ୟେକ ଦିନର କଜ୍ ଲିଷ୍ଟ, ମଧ୍ୟକାଳୀନ ଆଦେଶ ଏବଂ ଫାଇନାଲ୍ ଅର୍ଡରକୁ ତୁରନ୍ତ ଅନଲାଇନ୍ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ଘରେ ବସି କେସ୍‌ର ସ୍ଥିତି ଜାଣିପାରିବେ। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ବିଭିନ୍ନ ନିର୍ଦ୍ଦେଶକୁ ମଧ୍ୟ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ରିଭିଜନାଲ୍ କୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

> **୭୬, ୦୦୦ ବିଚାରାଧୀନ ମାମଲାର ହେବ ସମୀକ୍ଷା**
>
> **ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜ ମହାପ୍ରଭୁଙ୍କ ଜମି ସମସ୍ୟାକୁ ପ୍ରାଥମିକତା**
>
> **୩ ଥରରୁ ଅଧିକ ଅନୁପସ୍ଥିତ ରହିଲେ ଖାରଜ ହେବ କେସ୍**
>
> **ସରକାରୀ ଓ ଦେବୋତ୍ତର ଜମି ସୁରକ୍ଷା ଉପରେ ଗୁରୁତ୍ୱ**

ଚୋରା ସୁନା ବିସ୍କୁଟ୍ ସିଣ୍ଡିକେଟ୍

# ବ୍ରହ୍ମପୁର ଜେଲ୍ ଗଲା ଦୁର୍ଦ୍ଦାନ୍ତ ରାଜା



**କଟକ, ୨୪।୪(ସମିସ):** ଚୌଦ୍ୱାର ଜେଲରେ ଥିବା ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ଶୁଭମ୍ ଓରଫ ରାଜା ସାହାଣୀକୁ ଆଜି ବ୍ରହ୍ମପୁର ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ୨୪ ଘଣ୍ଟିଆ ସିସି କ୍ୟାମେରା ନଜରରେ ରହିବ। ଆଜି ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଜେଲ୍ କର୍ତ୍ତୃପକ୍ଷ ତା'ପାଦରେ ବେଡ଼ି ପକାଇଥିଲେ। ହାତରେ ହ୍ୟାଣ୍ଡକଫ୍ ପକାଯିବା ପରେ ପୁଲିସ ଭ୍ୟାନ୍‌ରେ ଚୌଦ୍ୱାର ଜେଲ୍‌ରୁ ବ୍ରହ୍ମପୁରକୁ ନିଆଯାଇଥିବା ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତ ୯ ତାରିଖରେ ରାଜା ସାହାଣୀକୁ କର୍ଣ୍ଣାଟକ ପୁଲିସ ଜେରା କରିବା ପରେ ତାକୁ ୭ଦିନିଆ ରିମାଣ୍ଡରେ ନେଇଥିଲା। ଦୁର୍ଦ୍ଦାନ୍ତ ରାଜାକୁ ବାଙ୍ଗାଲୁର୍ ନିଆଯାଇଥିବା ବେଳେ ସେଠାରେ ସ୍ପେସାଲ୍ ସ୍କ୍ୱାଡ୍ ଜେରା କରିଥିଲା। ଜେରା ପରେ ଗତ ୧୬ ତାରିଖରେ ତାକୁ ଚୌଦ୍ୱାର ଜେଲ୍‌କୁ ଅଣାଯାଇଥିଲା। ପୁଣି ଆବଶ୍ୟକ ପଡ଼ିଲେ ରାଜାକୁ କମିସ ନରେଟ୍ ପୁଲିସ ବ୍ରହ୍ମପୁର ଜେଲ୍‌ରୁ ରିମାଣ୍ଡରେ ଆଣିବ ବୋଲି ପୁଲିସ ସୂଚନା ଦେଇଛି। ଏପ୍ରିଲ ୧ ତାରଖରେ ଉତ୍ତରାଖଣ୍ଡରରୁ ଋଷିକେଶରୁ ରାଜା ସାହାଣୀକୁ ଗିରଫ କରାଯାଇଥିଲା। ରାଜାକୁ ଋଷିକେଶରୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ଗିରଫ ଦର୍ଶାଇବା ପରେ କୋର୍ଟ ଚାଲାଣ କରି ଚୌଦ୍ୱାର ଜେଲରେ ସ୍ୱତନ୍ତ୍ର ସୁରକ୍ଷା ବଳୟରେ ରଖାଯାଇଥିଲା। ରାଜା, ଚୌଦ୍ୱାର ଜେଲରୁ ଫେରାର୍ ହେବା ପରେ କର୍ଣ୍ଣାଟକରେ ଜୁଏଲାରୀ ଦୋକାନରୁ ୨୦ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟିଥିଲା। ଏହି ମାମଲାରେ କର୍ଣ୍ଣାଟକ ପୁଲିସ ପଚରାଉଚରା ପାଇଁ କଟକ ଆସି ଦୁର୍ଦ୍ଦାନ୍ତ ରାଜାକୁ ଜେରା କରିବା ପରେ ରିମାଣ୍ଡରେ ନେଇଥିଲା। ଜେରା ପରେ ପୁଣି ଥରେ ଚୌଦ୍ୱାର ଜେଲ୍‌ରେ ଛାଡ଼ିଥିଲା।

> **ପାଦରେ ବେଡ଼ି ପକାଇ ନିଆଗଲା**

## ଜୁଆ ଆଡ୍ଡାରେ ଚଢ଼ଉ: ୪ ଗିରଫ

**କଟକ, ୨୪।୪(ସମିସ):** ଚାନ୍ଦିନୀଚୌକର ଏକ କ୍ୟାବିନ୍‌ରେ ସଟ୍ଟା ଖେଳ ଚାଲିଥିବାବେଳେ ଲାଲବାଗ ଥାନା ପୁଲିସ ଆଜି ସନ୍ଧ୍ୟାରେ ଚଢ଼ଉ କରି ୪ ଜଣକୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଚାନ୍ଦିନୀଚୌକର ଭାରତ ଭୂଷଣ ପାଣି, ସତ୍ୟପ୍ରକାଶ ବେହେରା, ସତ୍ୟସୁନ୍ଦର ସିଂହ ଓ ମନୋଜ ବେହେରା। ଘଟଣାସ୍ଥଳରୁ ସାଢ଼େ ୮ ହଜାର ଟଙ୍କା, ୩ ବାଇକ୍ ଓ ତିନିଟି ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

## ଦୋକାନୀଙ୍କୁ ଆକ୍ରମଣ କରି ଯୁବକ ଗିରଫ

**କଟକ, ୨୪।୪(ସମିସ):** ଜଣେ ବ୍ୟକ୍ତିଙ୍କୁ ଦୋକାନରେ ପଶି ତଣ୍ଟି ଚିପି ହତ୍ୟା ଉଦ୍ୟମ କରିବା ଘଟଣାରେ ମଧୁପାଟଣା ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଆଜି ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି, ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ରାଉତରା ଅଞ୍ଚଳର ଜଗା ଓରଫ ଶ୍ରୀକାନ୍ତ ମହାନ୍ତି(୩୫)। ବୟାଳିଶମୌଜା ଶ୍ରୀକୃଷ୍ଣ ବିହାରର ବାନାମ୍ବର ମହାନ୍ତି ଦରଘାପାଟଣାରେ ଥିବା କଳିଙ୍ଗ ମେଟାଲ୍ ପ୍ରଡକ୍ଟରେ କାମ କରନ୍ତି। ଗତ ୮ ତାରିଖ ପ୍ରାୟ ୨ଟା ୨୫ରେ ଜଗା ଓରଫ ଶ୍ରୀକାନ୍ତ ମହାନ୍ତି ତାଙ୍କ ଦୋକାନରେ ପଶି ୧୦ ହଜାର ଟଙ୍କା ଦାଦା ବଟି ପାଇଁ ଆକ୍ରମଣ କରିଥିବା ମଧୁପାଟଣା ଥାନାରେ ଅଭିଯୋଗ କରାଯାଇଥିଲା। ବାନାମ୍ବର କାମ କରୁଥିବା ଦୋକାନରେ ଜଗାଙ୍କ ସାଙ୍ଗ ବିରଞ୍ଚି କାମ କରନ୍ତି। ଉଭୟଙ୍କ ମଧ୍ୟରେ ପୂର୍ବ ବିବାଦର ରାଗ ଶୁଝାଇବାକୁ ଯାଇ ଜଗା ମାଧ୍ୟମରେ ଏଭଳି କାଣ୍ଡ ଘଟାଇଥିବା ପୁଲିସ ସୂଚନା ଦେଇଛି।

## ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

**କଟକ, ୨୪।୪(ସମିସ):** ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଜଗତୀକରଣ ଓ ରାଷ୍ଟ୍ର' ଶୀର୍ଷକ ଏକ ପାଠଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସୀମା ମଲ୍ଲିକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜେକେବିକେ କଲେଜର ପ୍ରଫେସର ଡ. ଅମିତ ମହାନ୍ତି ଓ ଡ. ଶାରଦାକାନ୍ତ ମିଶ୍ର ଜଗତୀକରଣର ଉଦ୍ଦେଶ୍ୟ, ପରିବେଶ ଓ ଉଦାରୀକରଣ ନୀତି ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ଡ. ଅକ୍ଷୟ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପାଠଚକ୍ରରେ ଅଧ୍ୟାପକ କାଶୀନାଥ ସେଠୀ, କାନ୍ତିରେଖା ବିଶ୍ୱାଳଙ୍କ ସମେତ ଛାତ୍ରଛାତ୍ରୀମାନେ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଅର୍ପିତା ରାଉତ, ସୁନୀଲ ନାୟକ, ରେହେନାତୁନ୍ ନିଶା ଓ ତୀର୍ଥକ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ରେହେନାତୁନ୍ ନିଶା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିପଣନ ଓ କ୍ଷମତା ବୃଦ୍ଧି କର୍ମଶାଳା




**କଟକ, ୨୪।୪(ସମିସ):** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ତିନିଦିନିଆ ଜିଲ୍ଲାସ୍ତରୀୟ ବିପଣନ, ସଚେତନତା, କ୍ଷମତା ବୃଦ୍ଧି ଉପରେ ତିନିଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ବଜାର ସଂଯୋଗ, ଉତ୍ପାଦିତ ପଦାର୍ଥର ମୂଲ୍ୟ ବୃଦ୍ଧି କରିବା, ବ୍ରାଣ୍ଡିଂ, ପ୍ୟାକେଜିଂ, ଇ-ମାର୍କେଟିଂ, ଗ୍ରାହକମାନଙ୍କ ସହିତ ଉତ୍ତମ ସମ୍ପର୍କ ରଖିବାର ପ୍ରଣାଳୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା। କଟକ ଜିଲ୍ଲାର ୬୦ଜଣ ମହିଳା ଉଦ୍ୟୋଗୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଶେଷ ଦିନରେ ୫୦ଜଣ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ଭାରତ ମସଲା ପ୍ରତିଷ୍ଠାନକୁ ଏକ କ୍ଷେତ୍ର ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଉଦ୍ୟୋଗୀଙ୍କୁ ଉତ୍ସାହିତ କରିଥିଲେ। ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଉଦ୍ୟୋଗୀଙ୍କ ସହିତ ଉତ୍ପାଦନର ଉଚ୍ଚ ଗୁଣମାନ ରକ୍ଷାକୁ ଯେକୌଣସି ବ୍ୟବସାୟର ସଫଳତାର ମୂଳମନ୍ତ୍ର ବୋଲି ବ୍ୟାଖ୍ୟା କରିବା ସହ 'ଗ୍ରାହକ ହେଉଛନ୍ତି ରାଜା' ବୋଲି ମତ ବ୍ୟକ୍ତ କରିଥିଲେ।

## ସନ୍‌ରାଇଜ୍ କ୍ଲବ୍‌ର ନୂତନ ଜର୍ସି ଉନ୍ମୋଚିତ



**କଟକ, ୨୪।୪(ସମିସ):** କଟକର ପ୍ରତିଷ୍ଠିତ ସନରାଇଜ୍ କ୍ଲବ୍ ପକ୍ଷରୁ ଆଗାମୀ ଆଇ-ଲିଗ୍ ଫୁଟବଲ ପ୍ରତିଯୋଗିତା ପାଇଁ ଆକର୍ଷଣୀୟ ନୂତନ ଜର୍ସି ଉନ୍ମୋଚିତ ହୋଇଯାଇଛି। ବଳଭଦ୍ରପୁର, ଛତ୍ରବଜାର ସଭାଗୃହଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଜର୍ସିର ଲୋକାର୍ପଣ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପଙ୍କଜ ଲୋଚନ ମହାନ୍ତି, ପୂର୍ବତନ ରଣଜୀ ଖେଳାଳି ଲଲାଟେନ୍ଦୁ ମହାପାତ୍ର, କ୍ଲବ୍ ସଭାପତି ଦେବେନ୍ଦ୍ର ନାଥ ସାହୁ, ଉପସଭାପତି ଭକ୍ତବଲ୍ଲଭ ଦାସ, ବଳଭଦ୍ରପୁର ଅଧିକାରୀ ନିରାକାର ଜେନା, ମହନ୍ତ ନୀଳକାନ୍ତ ମହାନ୍ତି ଏବଂ ବଳଭଦ୍ରପୁର ସଭାପତି ପ୍ରସନ୍ନ ରାଉତ ଉପସ୍ଥିତ ଥିଲେ। ସର୍ବଭାରତୀୟ ସ୍ତରର ଏହି ସମ୍ମାନଜନକ ଫୁଟବଲ ପ୍ରତିଯୋଗିତା ପାଇଁ ସନରାଇଜ୍ କ୍ଲବ୍ ଯୋଗ୍ୟ ବିବେଚିତ ହେବା କଟକ ତଥା ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବର ବିଷୟ ବୋଲି କ୍ଲବ୍ ସମ୍ପାଦକ ତଡିତ କୁମାର ରାଉତ କହିଛନ୍ତି। କ୍ଲବ୍ ସମ୍ପାଦକ ପ୍ରଦୀପ୍ତ ରାଉତ, ସଭ୍ୟ ରଞ୍ଜିତ କୁମାର ରାଉତ, ଶ୍ୟାମସୁନ୍ଦର ସାହୁ, ପ୍ରଫୁଲ୍ଲ ସାହୁ, ଈଶ୍ୱର ବେହେରା, ଅଭିମନ୍ୟୁ କାଳିଆ, କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ଛାଟୋଇ, ଗୋପୀନାଥ ସ୍ୱାଇଁ, ବିଷ୍ଣୁ ଚରଣ ରାଉତ ଏବଂ ସୁରଥ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଭିଷେକ ରାଉତ ଧନ୍ୟବାଦ ଦେଇଥିଲେ।

ରେଭେନ୍ସା ବିଶ୍ୱବିଦ୍ୟାଳୟରେ କ୍ୟାମ୍ପସ ଚୟନ

# ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ମିଳିଲା ନିଯୁକ୍ତି ସୁଯୋଗ



**କଟକ, ୨୪।୪(ସମିସ):** ଚଳିତ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଷ୍ଠିତ ଜାତୀୟ ଓ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ସ୍ନାତକ ଓ ସ୍ନାତକୋତ୍ତର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ଏହି କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ଅନେକ ନାମୀଦାମୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀମାନେ ନିଜର ଦକ୍ଷତା ପ୍ରତିପାଦନ କରି ଊଉଝ, ଉରକ୍ଷକ୍ଟସଗ୍ମଗ୍ମର, ଓଭଲକ୍ଟଗ୍ମଚଗ୍ମ, ଉକ୍ଟଶଭସଛବଭଗ୍ମ, ରଣ ଏଉଝ ଭଳି ଆଇଟି ଓ କନସଲଟିଂ ସଂସ୍ଥାରେ ସ୍ଥାନ ପାଇଛନ୍ତି। ଏଥିସହିତ ଓଉଓଉଓ ଈବଭଳ, ଔସଭୟବକ୍ଷ ଝଗ୍ମବସଭକ୍ଷରଗ୍ମଗ୍ମ, ଜବଙ୍କମକ୍ଟ ଉରଙ୍କରଭଗ୍ମ, ଠରୟବଭଗ୍ମବ ଖସଙ୍କସଗ୍ମରୟ ଏବଂ ଇଛସଙ୍କ ଚକ୍ସରଙ୍କହସ ରକ୍ଟଙ୍କଭୟବଗ୍ମସକ୍ଟଭ ଭଳି ବିଭିନ୍ନ କ୍ଷେତ୍ରର ସଂସ୍ଥାରେ ମଧ୍ୟ ଛାତ୍ରଛାତ୍ରୀମାନେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର କୃତୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, କୁଳସଚିବ କାହ୍ନୁଚରଣ ମଲ୍ଲିକ, ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ସୌମେନ୍ଦ୍ର ନାୟକ ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଦୀପ୍ତି ରଞ୍ଜନ ମହାରଣା ମଧ୍ୟ ଶିକ୍ଷାର୍ଥୀଙ୍କ ଏହି କୃତିତ୍ୱକୁ ପ୍ରଶଂସା କରିଛନ୍ତି। ସମ୍ପୂର୍ଣ୍ଣ କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମକୁ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପରିଚାଳନା କରିଥିଲେ। ଏଥିରେ ସଂଯୋଜକ ବିଶ୍ୱରଞ୍ଜନ ସିଂହ, ଶ୍ରୀକାନ୍ତ ବେଜ, ଶିଳ୍ପା ପତ୍ର ଏବଂ ମଧୁମିତା ହରିଚନ୍ଦନ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

ଶ୍ରୀଧର ଦାସ ସାରସ୍ୱତ ସମାରୋହ

# ଡ ନାରାୟଣ ପଣ୍ଡାଙ୍କୁ ଶ୍ରୀଧର ଦାସ ସାରସ୍ୱତ ସମ୍ମାନ



**କଟକ, ୨୪।୪(ସମିସ):** ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ, ଭାଷାବିତ ତଥା ଗବେଷକ ଶ୍ରୀଧର ଦାସଙ୍କ ସ୍ମୃତିରେ ଶୁକ୍ରବାର ପୂର୍ବାହ୍ନରେ ସାରଳା ଭବନଠାରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ପ୍ରାବନ୍ଧିକ ଡଃ ନାରାୟଣ ପଣ୍ଡାଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଶ୍ରୀଧର ଦାସ ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସଂସଦର ସଭାପତି ଡକ୍ଟର ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉଦ୍‌ଘାଟକ ଭାବେ ଶିକ୍ଷାବିଦ ଡ. ମହେଶ୍ୱର ମହାନ୍ତି ଯୋଗଦେଇ ଓଡ଼ିଆ ଭାଷା-ସାହିତ୍ୟକୁ ଶ୍ରୀଧର ଦାସଙ୍କ ଅବଦାନକୁ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଡକ୍ଟର ପ୍ରଫୁଲ୍ଲ ଦାଶ ତାଙ୍କୁ ଓଡ଼ିଆ ସାହିତ୍ୟର ପ୍ରଚଣ୍ଡ ପ୍ରତିଭା ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଡଃ ବାବାଜୀ ଚରଣ ପଟ୍ଟନାୟକ ତାଙ୍କ ଜୀବନୀ ଉପରେ ଆଲୋଚନା ରଖିଥିଲେ। ସଭାପତି ଡଃ ସ୍ୱାଇଁ ଶ୍ରୀଧର ଦାସଙ୍କ ଆତ୍ମଜୀବନୀ 'ସୁଅ ମୁହଁରେ ପତର' ଓ 'ସର୍ବସାର ବ୍ୟାକରଣ'କୁ ଓଡ଼ିଆ ବାଣୀ ଭଣ୍ଡାରର ଅମୂଲ୍ୟ ସମ୍ପଦ ଭାବେ ଅଭିହିତ କରିଥିଲେ। ପ୍ରାରମ୍ଭରେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ଦେଇଥିବା ବେଳେ କାନ୍ତିବାଳା ନାୟକ ମାନପତ୍ର ପାଠ କରିଥିଲେ। ସ୍ୱର୍ଗତ ଦାସଙ୍କର ସୁପୁତ୍ର ଇଂ. ରଘୁନାଥ ପ୍ରସାଦ ଦାସ, ପୁତ୍ରବଧୂ ପ୍ରମୋଦା ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଧ୍ୟାପିକା ମୀରା ବେଉରା ଧନ୍ୟବାଦ ଦେଇଥିବା ବେଳେ ମଞ୍ଜୁଲତା ଜେନା ଓ ଅଧ୍ୟାପକ କ୍ଷୀରୋଦଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

# ଘରୋଇ ଆଇଟିଆଇ ସଂଘର ସାଧାରଣ ପରିଷଦ ବୈଠକ




**କଟକ, ୨୪।୪(ସମିସ):** କଟକ ସହରସ୍ଥିତ ଏକ ଘରୋଇ ହୋଟେଲଠାରେ ଷ୍ଟେଟ ପ୍ରାଇଭେଟ ଆଇଟିଆଇ ଆସୋସିଏସନ (ସ୍ପିଟିଆ) ଓଡ଼ିଶାର ଏକ ଜରୁରୀ ସାଧାରଣ ପରିଷଦ ବୈଠକ ସଭାପତି ଡ଼. ଅରୁଣ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ମିଳନ ମହାପାତ୍ର, ଉପସଭାପତି ତ୍ରିଲୋଚନ ରାୟ, ଦିଲୀପ ମହାଭୋଇ, କୋଷାଧ୍ୟକ୍ଷ ଅତିଶ କୁମାର ରାଉତ ମଞ୍ଚାସୀନ ଥିଲେ। ନିମ୍ସ ଓ ଏସଆଇଡିଏଚ ପୋର୍ଟାଲକୁ ସମ୍ପୂର୍ଣ୍ଣ ଭାବରେ ବିରୋଧ କରାଯାଇ ତୃତୀୟ ସିଫ୍ଟକୁ ଅନୁମୋଦନ କରିବା ପାଇଁ ଦାବି କରାଯାଇଥିଲା। ସଭା ପରେ ସଭାପତିଙ୍କ ନେତୃତ୍ୱରେ ସଂଖ୍ୟାଧିକ ଆଇଟିଆଇ ସଂଘର ସଦସ୍ୟ ସଦସ୍ୟା କଟକସ୍ଥିତ ଡାଇରେକ୍ଟରଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଦାବି କାର୍ଯ୍ୟକାରୀ ନ ହେଲେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ର୍ବାଚନ ଅଧିକାରୀ ଜୟନ୍ତ ବିଶ୍ୱାଳ, ପୂର୍ବତନ ସଭାପତି ତାରାପ୍ରସନ୍ନ ଶତପଥୀ, ଶ୍ରୀନିବାସ ସୁବୁଦ୍ଧି, ଆଇନ ପରାମର୍ଶଦାତା ସଞ୍ଜୟ ଦାଶ, ବଲାଙ୍ଗିର ଜୋନାଲ ସେକ୍ରେଟାରୀ ପ୍ରଦୀପ୍ତ ମିଶ୍ର, ସମ୍ବଲପୁର ଜୋନର ଡ଼. ବିରେନ ପାଢ଼ୀ, ସ୍ୱାଧୀନ ନାୟକ, ବିଶ୍ୱଜିତ ପଣ୍ଡା, ନିଶିକାନ୍ତ ସେଠୀ, ଆଲୋକ ପତି, ଗଣେଶ ବିଶ୍ୱାଳ, ବିଶ୍ୱନାଥ ଦାଶ, ବିଶ୍ୱଜିତ ବାରିକ ଜୋନାଲ ସେକ୍ରେଟାରୀଙ୍କ ସମେତ ଅନେକ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।

# ତିନି ଭାଗରେ ହେବ କଟକ ପେଟାନାଳ ପୁନରୁଦ୍ଧାର

**କଟକ, ୨୪।୪(ସମିସ)**



ସହରର ପ୍ରମୁଖ ଜଳ ନିଷ୍କାସନ ନାଳ 'ପେଟାନାଳ'ର ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟକୁ ନେଇ ହାଇକୋର୍ଟ ଗୁରୁତ୍ୱର ଗ୍ରହଣ କରି ଶୁଣାଣି କରୁଛନ୍ତି। ଜଳସମ୍ପଦ ବିଭାଗ (ନିଷ୍କାସନ ଡିଭିଜନ) ପକ୍ଷରୁ ଗତ ଏପ୍ରିଲ ୨୦ରୁ ପେଟାନାଳ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ଏହି ସଫେଇ କାର୍ଯ୍ୟ ଶ୍ରମିକଙ୍କ ଦ୍ୱାରା କରାଯାଉଛି। ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ମେସିନ ସାହାଯ୍ୟରେ ସଫେଇ କରିବାକୁ ପ୍ରସ୍ତାବ ରହିଛି। ସିଡିଏ ସେକ୍ଟର-୧୦ ମଣ୍ଟେସୋରୀ ଗଡ଼ା ପାର୍ଶ୍ୱରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ପେଟାନାଳର ପୁନରୁଦ୍ଧାର କାର୍ଯ୍ୟକୁ ୩ଟି ଭାଗରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ୨ଟି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ବାକି ଥିବା ଟେଣ୍ଡରଟି ମେ' ମାସର ପ୍ରଥମ ସପ୍ତାହ ସୁଦ୍ଧା ଶେଷ ହେବ ବୋଲି ମୁଖ୍ୟ ଯନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ପେଟାନାଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ହାଇକୋର୍ଟ ପୂର୍ବରୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ଏହାକୁ ଅନୁପାଳନ କରାଯାଉଛି ବୋଲି କୁହାଯାଇଛି। ଯାହା ନାଳକୁ ସିଧାସଳଖ ଅପରିଷ୍କାର ପାଣି ବା ସ୍ୱରେଜ୍ ଛଡ଼ାଯିବ ନାହିଁ। ସିଏମସିର ସମସ୍ତ ଡ୍ରେନେଜ୍ ମୁହଁକୁ ବନ୍ଦ କରାଯାଇ ପାଣିକୁ ଏସଟିପି ପଠାଯିବ, ଯେଉଁଠାରେ ବିଶୋଧନ ପରେ ଏହା ନାଳକୁ ଆସିପାରିବ। ନାଳ ପାର୍ଶ୍ୱରେ ତାର ଜାଲି ଲଗାଯିବ, ଯେପରି କେହି ସେଥିରେ ଆବର୍ଜନା ଫିଙ୍ଗିବେ ନାହିଁ ବୋଲି ପରାମର୍ଶ ଦିଆଯାଇଛି। କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ପାଇଁ ଆଡଭୋକେଟ କମିଟିକୁ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବାକୁ ହାଇକୋର୍ଟ କହିଛନ୍ତି। ଏହା ସହିତ ସିଏମସି, ୱାଟକୋ, ଜଳ ନିଷ୍କାସନ ବିଭାଗ ଓ ସିଡିଏର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ମିଳିତ ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମିଳିତ କମିଟିକୁ ମେ' ୪, ୨୦୨୬ ସୁଦ୍ଧା ସେମାନଙ୍କର ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ବେଳେ ମାମଲାର ପରବର୍ତ୍ତୀ ଶୁଣାଣି ମେ' ୭ରେ ଧାର୍ଯ୍ୟ କରାଯାଇଛି।

> **ମେ ପ୍ରଥମ ସପ୍ତାହ ସୁଦ୍ଧା ହେବ ଶେଷ ଟେଣ୍ଡର**

# ସାଲେପୁର ପଡ଼ିଆରେ ବିଏନ୍‌ଏସ୍ ୧୬୩ ଧାରା ଜାରି

- ୪ ଦିନ ପାଇଁ ସଭାସମିତି ଓ ରାଲି ଉପରେ କଟକଣା
- ମଧୁବାବୁ ଜୟନ୍ତୀ କମିଟି ଓ ବିଜେପି ମଧ୍ୟରେ ପଡ଼ିଆ ବିବାଦ
- ନିୟମ ଉଲ୍ଲଂଘନ କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ସରକାରୀ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ ସବୁ ବନ୍ଦ

ସାଲେପୁର,୨୪।୪(ସମିସ): ସାଲେପୁର ହାଇସ୍କୁଲ ଖେଳ ପଡ଼ିଆରେ ଦୁଇଟି ପୃଥକ କାର୍ଯ୍ୟକ୍ରମକୁ ନେଇ ଉପୁଜିଥିବା ବିବାଦ ଶେଷରେ ପ୍ରଶାସନିକ ହସ୍ତକ୍ଷେପ ପର୍ଯ୍ୟନ୍ତ ପହଞ୍ଚିଛି। ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଆଶଙ୍କା କରି ଉପଜିଲ୍ଲାପାଳ ଓ ଉପଖଣ୍ଡ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶ କ୍ରମେ ସାଲେପୁର ପଡ଼ିଆ ସମେତ ଚତୁଃପାର୍ଶ୍ୱର ୨୦୦ ମିଟର ଅଞ୍ଚଳରେ "ଭାରତୀୟ ନ୍ୟାୟ ସଂହିତା' (ବିଏନଏସ)ର ୧୬୩ ଧାରା ଲାଗୁ କରାଯାଇଛି। ଆଜି ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସାଧାରଣ ଜନତାଙ୍କୁ ଏହି କଟକଣା ସମ୍ପର୍କରେ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଗତ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ନେତୃତ୍ୱରେ ମଧୁବାବୁ ଜୟନ୍ତୀ କମିଟି ଏପ୍ରିଲ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ପଡ଼ିଆରେ ମହାସମାରୋହରେ ଜୟନ୍ତୀ ପାଳନ କରିଆସୁଥିଲା। ଏହି ବର୍ଷ କମିଟି ପକ୍ଷରୁ ଫେବୃୟାରୀ ୨୭ରେ ଆବେଦନ କରାଯାଇଥିଲା। ଅନ୍ୟପକ୍ଷରେ, ବିଜେପି ସଂଗଠକ ସତ୍ୟ ଶିବ ସୁନ୍ଦର କର




ଫେବୃୟାରୀ ୨୩ରେ ଉକ୍ତ ପଡ଼ିଆରେ ଏପ୍ରିଲ ୨୬ରୁ ୨୮ ପର୍ଯ୍ୟନ୍ତ ଏକ ବିଶାଳ ମହିଳା ସମାବେଶ ପାଇଁ ଆବେଦନ କରିଥିଲେ, ଯେଉଁଥିରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ପଡ଼ିଆ ବ୍ୟବହାରକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଗତକାଲି ଅତିରିକ୍ତ ତହସିଲଦାର ନାରାୟଣ ସେଠୀ ଉଭୟ ପକ୍ଷଙ୍କୁ ଆଲୋଚନା ପାଇଁ ଡକାଇଥିଲେ। ବିଜେପି ପକ୍ଷରୁ ସତ୍ୟ ଶିବ ସୁନ୍ଦର କର ପହଞ୍ଚି ନିଜର ଆବେଦନ ପତ୍ର ପ୍ରତ୍ୟାହାର କରିନେଇଥିବା ବେଳେ ମଧୁବାବୁ ଜୟନ୍ତୀ କମିଟିର କୌଣସି ସଦସ୍ୟ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନ ଥିଲେ। ଫଳରେ ସମ୍ଭାବ୍ୟ ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଶାସନ ୧୬୩ ଧାରା ଜାରି କରିବାକୁ ନିଷ୍ପତ୍ତି ନେଇଛି। ପ୍ରଶାସନିକ ଘୋଷଣା ଅନୁଯାୟୀ, ଏପ୍ରିଲ ୨୫ରୁ ୨୮ ତାରିଖ ରାତି ପର୍ଯ୍ୟନ୍ତ ସାଲେପୁର ପଡ଼ିଆରେ କୌଣସି ଦଳୀୟ କାର୍ଯ୍ୟକ୍ରମ, ସଭାସମିତି କିମ୍ବା ରାଲି ଅନୁଷ୍ଠିତ ହୋଇପାରିବ ନାହିଁ। ପଡ଼ିଆରେ ୫ ଜଣରୁ ଅଧିକ ବ୍ୟକ୍ତି ଏକତ୍ରିତ ହେବା ଉପରେ ରୋକ୍ ଲଗାଯାଇଛି। କେବଳ ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ଯଦି କୌଣସି ବ୍ୟକ୍ତି ବା ଗୋଷ୍ଠୀ ଏହି ନିୟମ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ବିରୋଧରେ ବିଏନ୍‌ଏସ୍ ୧୬୩ ଅନୁଯାୟୀ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## କୋଲଣପୁର ପଞ୍ଚାୟତରେ ଭତ୍ତା ବଣ୍ଟନ

ନିଶ୍ଚିନ୍ତକୋଇଲି,୨୪।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୋଲଣପୁର ପଞ୍ଚାୟତରେ ଗତ ୧୭ତାରିଖ ଦିନ ଭତ୍ତା ବଣ୍ଟନ କରାଯିବା ପାଇଁ ବ୍ୟାଙ୍କରୁ ଟଙ୍କା ଉଠାଯାଇ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏକ ସ୍କୁଟି ଡିକିରେ ଟଙ୍କା ବ୍ୟାଗ ରଖି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଦୁର୍ବୃତ୍ତମାନେ ଟଙ୍କା ଭାଙ୍ଗି ୪ ଲକ୍ଷ ୭୦ ହଜାର ଟଙ୍କା ଚୋରି କରିନେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୁନର୍ବାର ଭତ୍ତା ଅର୍ଥ ମଞ୍ଜୁର କରାଯିବା ପରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ପାତ୍ରଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ଗୋପବନ୍ଧୁ ସେଠୀଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ପଞ୍ଚାୟତର ୯ ନଂ ୱାର୍ଡ ହିତାଧିକାରୀ ବଳରାମ ବେହେରା ଗତ ୧୭ ତାରିଖ ଭତ୍ତା ପାଇଁ ଆସିଥିଲେ ମଧ୍ୟ ଟଙ୍କା ଚୋରି ଯୋଗୁ ସେ ଭତ୍ତା ପାଇପାରି ନ ଥିଲେ। ଗତ ୧୮ ତାରିଖ ସଂପୃକ୍ତ ହିତାଧିକାରୀଙ୍କ ଅକାଳ ବିୟୋଗ ଘଟିଥିବାରୁ ତାଙ୍କ ପରିବାର ଚଳିତ ମାସର ଭତ୍ତା ପାଇପାରି ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ଗୁରୁବାର ମୃତ ହିତାଧିକାରୀଙ୍କ ପତ୍ନୀ ଏପ୍ରିଲ ମାସର ଭତ୍ତା ନେବା ପାଇଁ ଆସି ବ୍ଲକ ସାମାଜିକ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ସେ ତାଙ୍କୁ ଫେରାଇ ଦେଇଥିଲେ। ଟଙ୍କା ଚୋରି ହୋଇଥିବାରୁ ସଂପୃକ୍ତ ପରିବାର ଏପ୍ରିଲ ମାସର ଭତ୍ତା ନ ପାଇବା ପାଇଁ ଦାୟୀ କିଏ ହେବ ସେନେଇ ପ୍ରଶ୍ନବାଚୀ ରହିଛି।

## ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ପ୍ରସ୍ତୁତି

ସାଲେପୁର,୨୪।୪(ସମିସ): ରାଷ୍ଟ୍ରୀୟ ଶୌର୍ଯ୍ୟ ସମୃଦ୍ଧି ଓ ବିକାଶ ନିମନ୍ତେ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ସ୍ଥାପନ, ପରିଦର୍ଶନ ଓ ପ୍ରସ୍ତୁତି ବୈଠକ ଶାନ୍ତିକୁଞ୍ଜ ହରିଦ୍ୱାରର ପ୍ରତିନିଧିମଣ୍ଡଳୀ ମଙ୍ଗଳସିଂହ ଗଡ଼ୱାଲା, ଶେଷଦେବ ବଡ଼େଇ, ସୌମିତ୍ରୀ ନାଥ ପତିଙ୍କ ଦ୍ୱାରା ଶିଶୁଆ ବ୍ୟାରେଜ୍ ପଡ଼ିଆକୁ ପରିଦର୍ଶନ କରିଛନ୍ତି। ସାଲେପୁର ଗାୟତ୍ରୀ ପରିବାର ଟ୍ରଷ୍ଟର ସଭାପତି ଇଂ. ଉପେନ୍ଦ୍ର ନାଥ ପାତ୍ରଙ୍କ ଅଧକ୍ଷତାରେ ଜାଗୁଳାଇ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ଭୁବନେଶ୍ୱର ଜୋନ୍ ପ୍ରମୁଖ ବଳରାମ ସାହୁ, ମହାଯଜ୍ଞର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସଂଗ୍ରାମ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସମାଜସେବୀ ବଳରାମ ଦାଶ ପୂର୍ବ ପ୍ରସ୍ତୁତି ବିବରଣୀ ପ୍ରଦାନ କରିଥିବାବେଳେ ଟ୍ରଷ୍ଟି ଦେବେନ୍ଦ୍ର କୁମାର ନାୟକ ମଞ୍ଚ ସଂଯୋଜନା କରିଥିଲେ। ଟ୍ରଷ୍ଟି କୁଞ୍ଜମୋହନ ସେଠୀ ଧନ୍ୟବାଦ ଦେଇଥିବାବେଳେ ଡଃ ଗୌତମ ମହାରଣା, ଅଧ୍ୟାପକ ସୁନୀଲ ଦାଶ, ଅଶୋକ ସ୍ୱାଇଁ, ରାମଚନ୍ଦ୍ର ସାହୁ, ଗୌରାଙ୍ଗ ଚରଣ ସେଠୀ, ଜ୍ୟୋତିରଞ୍ଜନସାହୁ, ରମେଶ ଚନ୍ଦ୍ର ସାହୁ, କନକଲତା ସାହୁ, ରବିନ୍ଦ୍ର ନାଥ ସେଠୀ, ବିବେକାନନ୍ଦ ଜେନା, କିଶୋରନଗର ଖଣ୍ଡର ଜ୍ୟୋତିପ୍ରକାଶ ମହାନ୍ତି, ପ୍ରତାପ ସେଠୀ, ଜ୍ଞାନରଞ୍ଜନ ଦାଶ, ଧ୍ରୁବଚରଣ ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ କଟକ ଜିଲ୍ଲାର ୧୨ଟି ବ୍ଲକ୍‌ର ଗାୟତ୍ରୀ ପରିବାର ଯୋଗଦେଇ ପ୍ରତିନିଧିମଣ୍ଡଳୀକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରି ପ୍ରସ୍ତାବିତ ଯଜ୍ଞସ୍ଥଳି ଶିଶୁଆ ବ୍ୟାରେଜ୍ ପଡିଆକୁ ପରିଦର୍ଶନ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ନିଶ୍ଚିନ୍ତକୋଇଲି,୨୪।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତ ପାଟପୁରଠାରେ ଥିବା ଗୁରୁକୁଳ ଶିଶୁ ବିଦ୍ୟାମନ୍ଦିରର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଅଲେଖଚନ୍ଦ୍ର ବେହେରାଙ୍କ ସଂଯୋଜନା ଏବଂ ଅଧ୍ୟକ୍ଷ ଅଜୟ ବେହେରାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଡା. ଅଜିତ୍ ପ୍ରସାଦ ଜେନା, ମୁଖ୍ୟବକ୍ତା ଭାବେ ଯୁବ ପ୍ରବଚକ ସୁଶାନ୍ତ ନାୟକ, ସମ୍ମାନିତ ଅତିଥିଭାବେ ସିନେ ତାରକା ବାବୁ ପ୍ରଧାନ, ସରପଞ୍ଚ ଦୀପ୍ତିମୟୀ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ମାନସଲକ୍ଷ୍ମୀ ଦାଶ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷୟିତ୍ରୀ ଲିଜାଲିନ୍ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ୯୦% ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଦେବସ୍ମିତା ପତି, ଦମୟନ୍ତୀ ନାୟକ, ପ୍ରିୟଙ୍କା ସାହୁ, ସଂଘମିତ୍ରା ଦାସ, ଚିରସ୍ମିତା ପ୍ରଧାନ, ବର୍ଷାରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଠଗଡ଼ରେ ପ୍ରକଳ୍ପସ୍ତରୀୟ ପୋଷଣ ପକ୍ଷ



ଆଠଗଡ଼,୨୪।୪(ସମିସ): ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି ଭବନଠାରେ ଗୁରୁବାର ପୂର୍ବାହ୍ନରେ ପ୍ରକଳ୍ପସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ ୨୦୨୬ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ରଶ୍ମିତା ମହାନ୍ତି, ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ ପଣ୍ଡା, ଏସ୍‌ଡିଏଚ୍ ଡାକ୍ତର ମାନସ ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡ. ଆଶିଷ ସାହୁ ଉପସ୍ଥିତ ଶିଶୁ, କିଶୋର ଓ କିଶୋରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦ଜଣ ଉତ୍ତମ ଅଙ୍ଗନବାଡ଼ି କର୍ମୀ, ଜଣେ ସୁସ୍ଥ ଶିଶୁ ଏବଂ ଜଣେ ଉତ୍ତମ ମଣ୍ଡଳ ପରିଦର୍ଶିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନାରୀ ଶକ୍ତି ଓ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୨୪।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବଡକ୍ଷୀର ପଞ୍ଚାୟତ କାର୍ଯ୍ୟାଳୟରେ ସମାଜସେବା ଓ ସମର୍ପଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ମହିଳା ଓ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମାଜସେବୀ ପ୍ରତାପ କୁମାର ସିଂହଙ୍କ ସଂଯୋଜନାରେ ସରକାରଙ୍କ ଯୋଜନାକୁ ସଫଳ ରୂପାୟନ କରୁଥିବା ଏହି ପଞ୍ଚାୟତ ମିଶନ ଶକ୍ତି ବିଭାଗର ଏମ୍‌ବିକେ, ସିଆରପି ଓ ଇସିମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଫଳକ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ପଞ୍ଚାୟତ ମିଶନଶକ୍ତି ସଭାନେତ୍ରୀ ଅମ୍ରିତା ସିଂହଙ୍କ ପୌରହିତ୍ୟରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟରେ ମୁଖ୍ୟଅତିଥି ଭାବେ ୨୪ନଂ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କିଶୋର କାପ, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ପ୍ରଦୋଷ ସାହୁ, ସମ୍ମାନିତ ଅତିଥିଭାବେ ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ଶିକ୍ଷାବିତ୍ ଜୟଦେବ ସାହୁ, ଶଙ୍କର୍ଷଣ ସ୍ୱାଇଁ, ପ୍ରତାପ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତାପ ସିଂହ ଧନ୍ୟବାଦ ଦେଇଥିଲେ।

## ଆଞ୍ଚଳିକ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ




କଣ୍ଟାପଡ଼ା,୨୪।୪(ସମିସ): ସାଇଲୋ ବଡ଼ବିଲସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିର ପୁରାତନ ଛାତ୍ର ସଂସଦ ପକ୍ଷରୁ ୧୧ତମ ଆଞ୍ଚଳିକ ରଜ ମହୋତ୍ସବ ଓ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରିୟନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମ ରଜ ତଥା ବିଶ୍ୱ ରକ୍ତଦାତା ଦିବସ ଅବସରରେ 'ସେଭେନ ଷ୍ଟାର ଚାରିଟେବଲ' ସହାୟତାରେ ରକ୍ତଦାନ ଶିବିର ସହ ନୃତ୍ୟ, ଗୀତ, ପୁଚ୍ଚି, ପୋଡ଼ପିଠା, ରଙ୍ଗୋଲି ଓ କୁଇଜ୍ ଭଳି ବିଭିନ୍ନ ପ୍ରତିଯୋଗିତା ପାଇଁ ସ୍ଥିର ହୋଇଛି। ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଏହାକୁ ୪ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି। ସମ୍ପାଦକ ସଞ୍ଜୟ କୁମାର ରାଉତରାୟଙ୍କ ସମେତ ସଂସଦର ବହୁ ପୁରାତନ ସଦସ୍ୟ ଯୋଗ ଦେଇଥିଲେ।

## କଂଗ୍ରେସ କର୍ମୀ ସମାବେଶ



ନିଶ୍ଚିନ୍ତକୋଇଲି,୨୪।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ କାଜିହାଟଠାରେ କଂଗ୍ରେସ ପକ୍ଷରୁ ଏକ କର୍ମୀ ସମାବେଶ ଓ ନବନିର୍ବାଚିତ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ସେକ୍ ସଦ୍ଦାମଙ୍କ ସଭାପତିତ୍ୱ ଓ ସେକ୍ ତାରିକ ଅକ୍ତରଙ୍କ ସଂଯୋଜନାରେ ଆୟୋଜିତ ସଭାରେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବ୍ଲକ କଂଗ୍ରେସ ସଭାପତି ନାରାୟଣ ମୁଦୁଲି ଓ ସମ୍ମାନିତ ଅତିଥିଭାବେ ପ୍ରମୋଦ ପଣ୍ଡା, ବାନାମ୍ବର ଚାନ୍ଦ ପ୍ରମୁଖ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବୁଥସ୍ତରରୁ ସଂଗଠନକୁ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ସେକ୍ ବୁରାନ୍, ସେକ୍ ରିହାନ୍ ଓ ସେକ୍ ସଲାମତ୍ ସହଯୋଗ କରିଥିଲେ।

## ସତ୍ୟନାରାୟଣଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଟାଙ୍ଗୀ,୨୪।୪(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ନିଶ୍ଚିନ୍ତା ଓ ମାଗୁରା ଧାନମଣ୍ଡଳ ଗ୍ରାମରେ ଶ୍ରୀ ଶ୍ରୀ ସତ୍ୟନାରାୟଣ ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ୬ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ କଳସ ଶୋଭାଯାତ୍ରା, ଯଜ୍ଞ, ପ୍ରାଣ ପ୍ରତିଷ୍ଠା, ବେଦପାଠ ଓ ମହାଧ୍ୱଜ ଉତ୍ତୋଳନ ଭଳି ବିଭିନ୍ନ ଶାସ୍ତ୍ରୀୟ ବିଧିବିଧାନ କରାଯାଇଥିଲା। ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ପାଲା, ପ୍ରବଚନ ଓ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କମିଟି ସଭାପତି କ୍ଷେତ୍ରବାସୀ ବରାଳ ଓ ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ।

## ଜାଡ଼ମାଲ୍ଲୀଙ୍କ କଳସ ଯାତ୍ରା



କଟକ,୨୪।୪(ସମିସ): ନଗରୀ ପଞ୍ଚାୟତ ନଗରୀ-ସନ୍ତୋଳ ଅଞ୍ଚଳର ଅଧିଷ୍ଠାତ୍ରୀ ମା'ଜାଡ଼ି ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। କର୍ତ୍ତା ସୁନ୍ଦରପ୍ରକାଶ ଦାସ ଓ ରତ୍ନମଞ୍ଜରୀ ଦାସଙ୍କ ତତ୍ତ୍ୱାବଧାନରେ କଲ୍ୟାଣ ମହାଯଜ୍ଞ ପାଇଁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ। ସେମାନେ ନିକଟବର୍ତ୍ତୀ ପୁଷ୍କରିଣୀରୁ ଜଳ କଳସ ଧାରଣ ପୂର୍ବକ ଶୋଭାଯାତ୍ରାରେ ଯାଇ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହି ଏହି ଅବସରରେ ଭଜନ, କୀର୍ତ୍ତନ, ପ୍ରବଚନ, ଗୀତାପାଠ ସହିତ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି।

## ଅନୁଦାନ ଦାବିରେ ବେସରକାରୀ ଅଧ୍ୟାପକ ସଂଘର 'ସମ୍ପର୍କ ଅଭିଯାନ'



ମାହାଙ୍ଗା,୨୪।୪(ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ କଟକ ଜିଲ୍ଲା ଶାଖା ପକ୍ଷରୁ "ଅନୁଦାନ ସମ୍ପର୍କ ଅଭିଯାନ' ଆରମ୍ଭ ହୋଇଯାଇଛି। ସଂଘ ପକ୍ଷରୁ କଟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସୁପାରିସ ପଠାଇବାକୁ ସଂଘ ଅନୁରୋଧ କରିଛି। ସୂଚନାଯୋଗ୍ୟ ଯେ ଅନୁଦାନ ପ୍ରଦାନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ସହ ଆଲୋଚନା ହେବାର ଦୁଇ ମାସ ବିତିଯାଇଥିଲେ ମଧ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସଂଘ ଏହି ଅଭିଯାନ ଆରମ୍ଭ କରିଛି। ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲିତାରାଣୀ ପ୍ରଧାନ, ଦେବେନ୍ଦ୍ର ମହାନ୍ତିଙ୍କ ସମେତ ୫୦ରୁ ଅଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ସାଲେପୁର,୨୪।୪(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମର ଧର୍ମପରାୟଣ ମହିଳା ପଙ୍କଜିନୀ ମହାପାତ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ମୌସୁମୀ ସଂପାଦକ କବି ପ୍ରସନ୍ନ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର କର, ଦେବେନ୍ଦ୍ର ମିଶ୍ର, ନାରାୟଣ ସାମନ୍ତରାୟ, ସଂଗ୍ରାମ ସାମନ୍ତରାୟ ପ୍ରମୁଖ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତାଙ୍କର ବିୟୋଗରେ ସାଲେପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ନାତି ଶୁଭ୍ରଜିତ୍ ମହାପାତ୍ର ତାଙ୍କୁ ମୁଖାଗ୍ନି ଦେଇଥିଲେ।

## ମାହାଙ୍ଗା ପ୍ରଶାସନର ବେଆଇନ କାର୍ଯ୍ୟ

# ଗୋଚର ଜମିରେ ପ୍ରକଳ୍ପ ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍

- ନୀତିନିୟମକୁ ଫୁ' କଲେ ଯନ୍ତ୍ରୀ ଓ ରାଜନେତା
- ଭାଗବତ ଟୁଙ୍ଗି ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ
- ବାଲି ବଦଳରେ ମାଟି ଫିଲିଂ ଓ ନିମ୍ନମାନର ସାମଗ୍ରୀ ବ୍ୟବହାର

ଭଦ୍ରେଶ୍ୱର,୨୪।୪(ସମିସ)



କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ପ୍ରଶାସନ ଓ ରାଜନେତାଙ୍କ ସଲାସୁତରା ଯୋଗୁଁ ସରକାରୀ ନୀତି ନିୟମ ଏବେ ଜଳାଞ୍ଜଳି ଦିଆଯାଇଛି। ସ୍ଥାନୀୟ ରାଜନେତାଙ୍କ ଇଙ୍ଗିତରେ ବ୍ଲକ ପ୍ରଶାସନ ସମସ୍ତ ସରକାରୀ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ଗୋଚର ଜମି ଉପରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। "ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଏଠାରେ ସମ୍ପୂର୍ଣ୍ଣ ଦିଗହରା ପାଲଟିଥିବା ବେଳେ ସରକାରୀ ରାଜକୋଷକୁ ଲୁଟିବା ପାଇଁ ବଡ଼ ଧରଣର ଚକ୍ରାନ୍ତ କରାଯାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଉମର ଗ୍ରାମପଞ୍ଚାୟତ ଓସ୍ତପୁର ଗ୍ରାମର ତ୍ରିନାଥ ମନ୍ଦିର ପରିସରରେ ଏକ ଭାଗବତ ଟୁଙ୍ଗି ପ୍ରତିଷ୍ଠା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୪ ଲକ୍ଷ ୪୨ ହଜାର ୮୮୮ ଟଙ୍କା ମଞ୍ଜୁର କରାଯାଇଛି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଗୋଚର କିସମ ଜମି ଉପରେ କୌଣସି ସ୍ଥାୟୀ ପ୍ରକଳ୍ପ ନିର୍ମାଣ କରାଯାଇ ପାରିବ ନାହିଁ। ମାତ୍ର ମାହାଙ୍ଗା ବ୍ଲକ ପ୍ରଶାସନ ଏହି ନିୟମକୁ ବେଖାତିର କରି ଉକ୍ତ ଜମିରେ ପ୍ରକଳ୍ପ ନିର୍ମାଣ କରିବା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଏହି ପ୍ରକଳ୍ପ ପାଇଁ ବ୍ଲକର ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲେ ହେଁ, ପ୍ରକୃତ ପକ୍ଷେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଅନୁଗତମାନେ ଏହି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଅଟକଳ ଅନୁଯାୟୀ କାର୍ଯ୍ୟ କରାଯାଉ ନ ଥିବା ବେଳେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଛି। ପ୍ରକଳ୍ପର ସ୍ଥିରତା ପାଇଁ ବାଲି ଫିଲିଂ କରିବା ପରିବର୍ତ୍ତେ ମାଟି ଫିଲିଂ କରାଯାଇ ଅର୍ଥ ଆତ୍ମସାତ କରିବାକୁ ହୀନ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ପ୍ରକଳ୍ପର ସ୍ଥାୟିତ୍ୱକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାହାଙ୍ଗା ବ୍ଲକରେ ପ୍ରଶାସନର ଜ୍ଞାତସାରରେ ଚାଲିଥିବା ଏହି ବ୍ୟାପକ ଅନିୟମିତତାକୁ ନେଇ ଜନସାଧାରଣ କଟକ ଜିଲ୍ଲାପାଳ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂଯୋଜକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀ ଓ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅସଲ ଗୁମର ପଦାରେ ପଡ଼ିବ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

## ● ବେଆଇନ ମୋରମ ହାଇୱା ନେଲା ଜୀବନ

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ତ୍ରିଶୂଳିଆ,୨୪।୪(ସମିସ): ବାରଙ୍ଗ ଅଞ୍ଚଳରେ ବେଆଇନ ମୋରମ କାରବାର ଏବେ ମାନବ ଜୀବନ ପାଇଁ କାଳ ସାଜିଛି। ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ରତାଗଡ଼ ରେଳ ପୋଲ ନିକଟରେ ମୋରମ ବୋଝେଇ ଏକ ଦ୍ରୁତଗାମୀ ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ପାର୍ଥସାରଥୀ ଦାସ। ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ପ୍ରାୟ ୪ଟା ସମୟରେ ବାରଙ୍ଗ ଥାନା ମଧୁବନ ଅଞ୍ଚଳରୁ ବେଆଇନ ଭାବେ ମୋରମ ବୋଝେଇ କରି ଏକ ହାଇୱା ଦ୍ରୁତ ଗତିରେ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା ଦେଇ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ବାଇକ୍‌କୁ ହାଇୱାଟି ସାମ୍ନାସାମ୍ନି ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ, ବାଇକ୍ ସହ ଚାଳକଙ୍କୁ ହାଇୱାଟି ପ୍ରାୟ ୫୦ ଫୁଟ ପର୍ଯ୍ୟନ୍ତ ଘୋଷାରି ନେଇଥିଲା, ଯାହାଫଳରେ ଘଟଣାସ୍ଥଳରେ ହିଁ ପାର୍ଥଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ପରେ ହାଇୱା ଚାଳକ ଚତୁରତାର ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଅଭିଯୋଗ ହେଉଛି ଯେ ପରବର୍ତ୍ତୀ ସମୟରେ ସେ ଜଣେ ସାଧାରଣ ଦର୍ଶକ ସାଜି ଆସି ହାଇୱାଟିକୁ ଫାଣ୍ଡିରେ ରଖି ପୁନର୍ବାର ଛୁ ମାରିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଉଭୟ ଗାଡ଼ିକୁ ଜବତ କରିଛି। ଅଞ୍ଚଳରେ ଦୀର୍ଘ ଦିନରୁ ବେଆଇନ ମୋରମ କାରବାର ଚାଲୁଥିଲେ ହେଁ ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ପ୍ରତି ଟ୍ରିପ୍ ପିଛା ପ୍ରାୟ ୩ ହଜାର ଟଙ୍କାରେ ମୋରମ ଚୋରା ଚାଲାଣ ହେଉଛି। ବିଶେଷ କରି ସନ୍ଧ୍ୟା ପରେ କେନାଲ ବନ୍ଧ ରାସ୍ତାରେ ଏହି ମୋରମ ବୋଝେଇ ହାଇୱାଗୁଡ଼ିକ ଯମଦୂତ ସାଜି ଦ୍ରୁତ ଗତିରେ ଚାଲୁଥିବାରୁ ସାଧାରଣ ପଥିକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ମୋରମ ମାଫିଆଙ୍କ ଲାଭଖୋର ମନୋଭାବ ଯୋଗୁଁ ଆଉ ଜଣେ ନିରୀହ ଜୀବନ ଯିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ନରସିଂହପୁରରେ ନୂତନ ସିଭିଲ ଜଜ୍‌ଙ୍କୁ ସମ୍ବର୍ଦ୍ଧନା




**ନରସିଂହପୁର, ୨୪।୪(ସମିସ):** ନରସିଂହପୁର ସିଭିଲ ଜଜ୍ (ଏସଡି) କୋର୍ଟରେ ନୂତନ ଜଜ୍ ଭାବେ ଡ. ନିହାର ରଞ୍ଜନ ସାହୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶୁକ୍ରବାର ନରସିଂହପୁର ଓକିଲ ସଂଘ ପକ୍ଷରୁ ସଂଘ ଗୃହରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂତନ ଜଜ୍ ଡ. ସାହୁ ଓ ଜୁଡିସିଆଲ ମାଜିଷ୍ଟ୍ରେଟ ସତ୍ୟ ନାରାୟଣ ଦାଶଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପୂର୍ବତନ ସଭାପତି ସରୋଜ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ନରନାରାୟଣ ବାରିକ, ସହସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳ ଓ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଗୋଲଖ ବିହାରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ଜଜ୍‌ଙ୍କ ଯୋଗଦାନ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହେବ ବୋଲି ଓକିଲ ସଂଘ ଆଶା ପ୍ରକଟ କରିଛି।

**ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ**

# ଶିକ୍ଷାବର୍ଷ ଆରମ୍ଭର ୨୦ ଦିନ ପରେ ବି ମିଳୁନି ପାଠ୍ୟପୁସ୍ତକ

ନିଶ୍ଚିନ୍ତକୋଇଲି, ୨୪।୪(ସମିସ)

- ଦାୟିତ୍ୱହୀନତା ପାଇଁ ଦିଗହରା 'ସମଗ୍ର ଶିକ୍ଷା ଯୋଜନା'
- ଖୋଲା ବଜାରରେ ବିକ୍ରି ହେଉଛି ସରକାରୀ ବହି!
- ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ସରକାରଙ୍କ 'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ନାରା ଏବେ ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରହସନ ପାଲଟିଛି। ଶିକ୍ଷାବର୍ଷ ଆରମ୍ଭ ହେବାର ପ୍ରାୟ ୨୦ ଦିନ ବିତିଯାଇଥିଲେ ହେଁ, ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟର ଚରମ ଅବହେଳା ଯୋଗୁଁ ହଜାର ହଜାର ଛାତ୍ରଛାତ୍ରୀ ପାଠ୍ୟପୁସ୍ତକ ପାଇବାରୁ ବଞ୍ଚିତ ହୋଇଛନ୍ତି। ପାଠ୍ୟପୁସ୍ତକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବା ବେଳେ ସରକାରୀ ପାଠ୍ୟପୁସ୍ତକ ଖୋଲା ବଜାରରେ ବିକ୍ରି ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ବିଭାଗୀୟ ସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକରେ ୨୦୪ଟି ସରକାରୀ ଏବଂ ୪୦ଟି ବେସରକାରୀ ବିଦ୍ୟାଳୟ ରହିଛି, ଯେଉଁଠାରେ ପ୍ରାୟ ୧୮, ୫୧୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ନିୟମ ଅନୁଯାୟୀ, ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ବହି ବଣ୍ଟନ ଶେଷ ହେବା କଥା। ମାତ୍ର ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟର ପିଲାମାନେ ଏ ପର୍ଯ୍ୟନ୍ତ ବହି ପାଇନାହାନ୍ତି। ଏଥିରୁ ଦୂରଦୁରାନ୍ତରେ ଥିବା ବିଦ୍ୟାଳୟଗୁଡ଼ିକର ସ୍ଥିତି କେତେ ସଂକଟାପନ୍ନ, ତାହା ସହଜେ ଅନୁମେୟ। ବ୍ଲକ କାର୍ଯ୍ୟାଳୟରେ ବହି ବଣ୍ଟନ ସମୟରେ 'ପ୍ରିୟାପ୍ରୀତି ତୋଷଣ' କରାଯାଉଥିବା ନେଇ ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ବହି ପହଞ୍ଚାଯିବା ପରିବର୍ତ୍ତେ ଶିକ୍ଷକମାନେ ନିଜ ଖର୍ଚ୍ଚରେ ବ୍ଲକ କାର୍ଯ୍ୟାଳୟକୁ ଆସି ବହି ନେବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ, ସରକାରୀ ପାଠ୍ୟପୁସ୍ତକ ହାଟ ବଜାରରେ ଖୋଲାଖୋଲି ଭାବେ ବିକ୍ରୟ କରାଯାଉଛି। ମାଗଣାରେ ମିଳୁଥିବା ବହି କେଉଁ ପରିସ୍ଥିତିରେ ବଜାରକୁ ଆସିଲା ଏବଂ ଏଥିରେ କେଉଁ ଅଧିକାରୀଙ୍କ ହାତ ରହିଛି, ତାହାର ତଦନ୍ତ କରିବାକୁ ଅଭିଭାବକ ମହଲରେ ଦୃଢ ଦାବି ହୋଇଛି। ପାଠ୍ୟପୁସ୍ତକ ବିନା ଶ୍ରେଣୀ ଗୃହରେ ଶିକ୍ଷାଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସରକାରଙ୍କ 'ସମଗ୍ର ଶିକ୍ଷା ଯୋଜନା' ବ୍ଲକ ଶିକ୍ଷାଧିକାରିଣୀଙ୍କ ଅପାରଗତା ପାଇଁ ବାଟବଣା ହୋଇଥିବା ବେଳେ ଜିଲ୍ଲା ଶିକ୍ଷା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି। ତୁରନ୍ତ ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇ ନ ଦେଲେ ଆଗାମୀ ଦିନରେ ଅଭିଭାବକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବିଷ ପିଇ ମହିଳାଙ୍କ ମୃତ୍ୟୁ

**ନରସିଂହପୁର, ୨୪।୪(ସମିସ):** ନରସିଂହପୁର ବ୍ଲକ ଯୋଡ଼ମ୍ପୁ ଥାନା ଅନ୍ତର୍ଗତ ମାଳିସାହି ଗ୍ରାମରେ ଜଣେ ବିବାହିତା ମହିଳା ବିଷପିଇ ପ୍ରାଣ ହରାଇଛନ୍ତି। ମୃତ ମହିଳା ଜଣକ ହେଲେ ଉଷାରଣୀ ମହାପାତ୍ର (୪୦)। ଶୁକ୍ରବାର ରାତିରେ ଗୁରୁତର ଅବସ୍ଥାରେ ତାଙ୍କୁ ନରସିଂହପୁର ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଉଷାରଣୀଙ୍କ ବାପଘର କଣ୍ଟାବାଣିଆ ଗ୍ରାମରେ। ପାରିବାରିକ କଳହ ଯୋଗୁଁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଖବର ପାଇ ଯୋଡ଼ମ୍ପୁ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଗାଡ଼ି ସାଇଡ୍ ମରାକୁ କେନ୍ଦ୍ରକରି ମାରପିଟ୍, ୨ ଯୁବକ ଗିରଫ

**ସାଲେପୁର, ୨୪।୪(ସମିସ):** ଗାଡ଼ି ସାଇଡ୍ ମରାକୁ କେନ୍ଦ୍ର କରି ଦୁଇ ପକ୍ଷ ମଧ୍ୟରେ ମାରପିଟ୍ ହୋଇ ରକ୍ତାକ୍ତ ହେବା ଘଟଣାରେ ସାଲେପୁର ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗତକାଲି ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଅଞ୍ଚଳର ତ୍ରିଲୋଚନ ସାମନ୍ତରା ନିଜ କାର ଯୋଗେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବାବେଳେ ସାଲେପୁର ବି.କେ. ମଣ୍ଡପ ନିକଟରେ ୨ ଜଣ ଯୁବକ ଏକ ସ୍କୁଟିରେ ଆସି ତାଙ୍କ କାର ଆଗରେ ଗାଡ଼ି ରଖି ତ୍ରିଲୋଚନଙ୍କୁ ଟାଣି ଆଣି ହାତରେ ପିନ୍ଧିଥିବା ମୋଟା କଡ଼ାରେ ରକ୍ତାକ୍ତ କରିଦେଇଥିଲେ। ଏନେଇ ତ୍ରିଲୋଚନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଏ ସମ୍ପର୍କରେ ସାଲେପୁର ଥାନାରେ ମାମଲା ରୁଜୁ କରି ମାରପିଟ୍ କରିଥିବା ଅଭିଯୋଗରେ ସୁନାଖଣ୍ଡୀ ଗ୍ରାମର ସୋମନାଥ ରଣା ଓ ରାଇସୁଙ୍ଗୁଡ଼ା ଅଞ୍ଚଳର ଚିତ୍ତରଞ୍ଜନ ମଲ୍ଲିକଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ସାଲେପୁର ଆଇଆଇସି ମହେଶ୍ୱର ମଲ୍ଲିକ ପ୍ରକାଶ କରିଛନ୍ତି।

# କେନାଲରେ ପାଣି ନାହିଁ, ଶୁଖିଲା କୂଅପୋଖରୀ

- ପାଣି ପାଇଁ ଚାତକ ଭଳି ଚାହିଁଛନ୍ତି ବୁଲା ପଶୁପକ୍ଷୀ

**ସାଲେପୁର, ୨୪।୪(ସମିସ):** ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଜଳାଭାବ ସାଲେପୁର ଓ ଏହାର ଆଖପାଖ ଅଞ୍ଚଳରେ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଅଞ୍ଚଳର ଗଡ଼ିଆ, ପୋଖରୀ, କୂଅ ଓ ବାମ୍ଫି ସବୁ ଶୁଖି ଆଁ କରିଥିବା ବେଳେ ବୁଲା ପଶୁପକ୍ଷୀମାନେ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି। କେନାଲରେ ପାଣି ନ ଥିବାରୁ ଗ୍ରାମାଞ୍ଚଳରେ ଜଳସ୍ତର ହ୍ରାସ ପାଇବା ଏହି ସଙ୍କଟର ମୂଳ କାରଣ ବୋଲି କୁହାଯାଉଛି। ଅଭିଯୋଗ ହେଉଛି ଯେ ଅତୀତରେ ସରକାର ବର୍ଷକୁ ପ୍ରାୟ ତିନିଥର ଧାନ, ମୁଗ ଏବଂ ନଳିତା ଫସଲ ପାଇଁ କେନାଲରେ ପାଣି ଛାଡୁଥିଲେ। ଏହାଦ୍ୱାରା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜଳାଶୟଗୁଡ଼ିକ ପାଣି ଭରି ହୋଇ ରହୁଥିଲା ଏବଂ ଖରାଦିନେ ମଧ୍ୟ ପାଣି ଶୁଖୁ ନ ଥିଲା। କିନ୍ତୁ ବିଗତ କିଛି ବର୍ଷ ହେବ କେନାଲ ମରାମତି ଓ ଆଡ଼ିବନ୍ଧ ନିର୍ମାଣର ଆଳ ଦେଖାଇ ସରକାର କେବଳ ଖରିଫ୍ ଋତୁରେ ପାଣି ଛାଡୁଛନ୍ତି। କେନାଲରେ ଜଳ ପ୍ରବାହ ବନ୍ଦ ରହିବାରୁ ଖରାଦିନେ ଗ୍ରାମାଞ୍ଚଳର ପାରମ୍ପରିକ ଜଳାଶୟଗୁଡ଼ିକ ଶୁଖିଯାଉଛି। ଏହାର ପ୍ରଭାବ କେବଳ ଚାଷୀଙ୍କ ଉପରେ ନୁହେଁ, ବରଂ ବୁଲା କୁକୁର, ଗୋରୁଗାଈ ଓ ପକ୍ଷୀମାନଙ୍କ ଉପରେ ମଧ୍ୟ ପଡୁଛି। ପାଣି ଅଭାବରୁ ଅନେକ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି। ସାଧାରଣ ଲୋକେ ମଧ୍ୟ ଦୈନନ୍ଦିନ କାର୍ଯ୍ୟ ପାଇଁ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ କେନାଲରେ ପାଣି ଛାଡ଼ିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଦାବି କରିଛନ୍ତି। କେନାଲରେ ଅଧିକ ସମୟ ପର୍ଯ୍ୟନ୍ତ ପାଣି ରହିଲେ ହିଁ ପଶୁପକ୍ଷୀଙ୍କ ଜୀବନ ରକ୍ଷା ହେବା ସହ ଜଳସ୍ତର ବୃଦ୍ଧି ପାଇପାରିବ ବୋଲି ସେମାନେ ମତ ଦେଇଛନ୍ତି।

# ତିଗିରିଆରେ ଜାତୀୟ ପଞ୍ଚାୟତିରାଜ ଦିବସ

**ତିଗିରିଆ, ୨୪।୪(ସମିସ):** ତିଗିରିଆ ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କ ପୌରୋହିତ୍ୟରେ

**୭୦ ହିତାଧିକାରୀଙ୍କୁ ମିଳିଲା ପକ୍କାଘର କାର୍ଯ୍ୟାଦେଶ**



ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସାଂସଦ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଓ ଏବିଡିଓ ଯାଜ୍ଞସିନୀ ଗୋଚ୍ଛାୟତଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ରାଜ୍ୟସ୍ତରୀୟ ସମାରୋହକୁ ବଡ଼ ପରଦା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ୭୦ ଜଣ ହିତାଧିକାରୀଙ୍କୁ 'ଅନ୍ତ୍ୟୋଦୟ ଯୋଜନା'ରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହ ସଠିକ୍ ସମୟରେ ଗୃହ ନିର୍ମାଣ ଶେଷ କରିଥିବା ୪ଜଣ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବ୍ଲକ କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

# କଟକ ସଦରରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ



**କନ୍ଦରପୁର, ୨୪।୪(ସମିସ):** ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ କଟକ ସଦର ବ୍ଲକ ପରିସରରେ ଜିଲ୍ଲାସ୍ତରୀୟ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ୍ଧ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଦାସ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ଏଥିରେ ଯୋଗଦେଇ 'ସଶକ୍ତ ପଞ୍ଚାୟତ, ସଶକ୍ତ ଓଡ଼ିଶା' ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଯୋଜନାରେ ଜିଲ୍ଲାର ୧୯୪୭ ଜଣ ଓ ସଦର ବ୍ଲକର ୧୯୬ ଜଣ ହିତାଧିକାରୀଙ୍କୁ ପକ୍କାଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏଥି ସହ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ପଠାଯାଇଛି। ବିଡିଓ ପ୍ରତୀକ ସାହୁ ଓ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦକ୍ଷୀଣମୁଖୀ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା



**ଆଠଗଡ଼, ୨୪।୪(ସମିସ):** ଆଠଗଡ଼ ସହର ଉପକଣ୍ଠ ଭୁବନେଶ୍ୱର-ମୁଣ୍ଡଳୀ ରାସ୍ତା ଧାଇପୁର ଗ୍ରାମ କଇଥ ଛକଠାରେ ୨୪.୬ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ଦକ୍ଷିଣମୁଖୀ ହନୁମାନଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। ଧାଇପୁର ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଗତ ୨୧ ତାରିଖରୁ ଚାରି ଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜଳଯାତ୍ରା, ଅଙ୍କୁରାରୋପଣ, ଯଜ୍ଞାଦି ଶାସ୍ତ୍ରୀୟ ବିଧିବିଧାନ ପଣ୍ଡିତ ଗଗନ ବିହାରୀ ଷଡ଼ଙ୍ଗୀଙ୍କ ସଂଯୋଜନାରେ କରାଯାଇଥିଲା। ପ୍ରତିଷ୍ଠା ଉତ୍ସବର ଶେଷ ଦିନରେ ବିଗ୍ରହଙ୍କ ନଗର ପରିକ୍ରମା ଓ ମନ୍ଦିର ପ୍ରବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସମାଜସେବୀ ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପ୍ରଭୁଙ୍କ କୃପା ଭିକ୍ଷା କରିଥିଲେ। ଗ୍ରାମ୍ୟ କମିଟି ସଭାପତି ନରେନ୍ଦ୍ର ଗୋଚ୍ଛାୟତ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ବନବିହାରୀ ସାହୁ, ପ୍ରଶାନ୍ତ ସାହୁ ଓ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଏହି ଅବସରରେ ପ୍ରତ୍ୟେକ ଦିନ ପ୍ରବଚନ ଓ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ପରମହଂସନାଥ ମନ୍ଦିରର ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

- ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ

**କନ୍ଦରପୁର, ୨୪।୪(ସମିସ):** କଟକ ସଦରର ଅନ୍ୟତମ ପ୍ରାଚୀନ ଶୈବପୀଠ ପରମହଂସନାଥଙ୍କ ମନ୍ଦିର ଉପରେ ଘଡ଼ଘଡ଼ି ପଡ଼ି ଦଧିନଉତି କ୍ଷତିଗ୍ରସ୍ତ ହୋଇଥିବା ଖବର ପାଇ ଶୁକ୍ରବାର ସ୍ଥାନୀୟ ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ମନ୍ଦିର ପରିଦର୍ଶନ କରିଛନ୍ତି। ବିଧାୟକଙ୍କ ସହ ପ୍ରତ୍ନତତ୍ତ୍ୱ ବିଭାଗ ଓ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ରହି କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ। ମନ୍ଦିରର ସୁରକ୍ଷା ଓ ପ୍ରାଚୀନ କଳାକୃତିକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଦଧିନଉତିର



ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ମନ୍ଦିରର ସେବାୟତ ଜଗନ୍ନାଥ ପଣ୍ଡା, ତ୍ରିଲୋଚନ ପଣ୍ଡା ଓ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

- ଦୁଷ୍କର୍ମ ମାମଲାର ରାୟ ପ୍ରକାଶ

# ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍ ଓ ଜରିମାନା

**ଆଠଗଡ଼, ୨୪।୪(ସମିସ):** ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶୁକ୍ରବାର ଏକ ଦୁଷ୍କର୍ମ ମାମଲାର ବିଚାର କରି ଦୁଇ ଜଣ ଅଭିଯୁକ୍ତଙ୍କୁ କଠୋର ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଆଦେଶ ଦିଆଯାଇଛି। ୨୦୨୪ ଏପ୍ରିଲ ୧୩ ତାରିଖରେ କଣ୍ଡରେଇ ପଞ୍ଚାୟତ ପାର୍ବତୀପୁର ଗ୍ରାମର ଜଣେ ବିବାହିତା ମହିଳା ଖୁଣ୍ଟୁଣୀ ବଜାରକୁ ଆସିଥିଲେ। ସେଠାରେ ଦୁଇ ଅଭିଯୁକ୍ତ ପ୍ରଧାନ ସଏ ଏବଂ ଚଗ ଓରଫ ଚୈତନ୍ୟ ବିରୁଆ ତାଙ୍କୁ ଘରେ ଛାଡ଼ିଦେବାକୁ କହି ରାଣୀବଣିଆ ଜଙ୍ଗଲର ଏକ ନିକାଞ୍ଚନ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲେ। କିଛି ଲୋକ ସେଠାକୁ ଆସିଯିବାରୁ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ସେଠାରେ ଛାଡ଼ି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୀଡ଼ିତାଙ୍କ ପକ୍ଷରୁ ଖୁଣ୍ଟୁଣୀ ଥାନାରେ କେସ୍ ନଂ ୯୨/୨୪ରେ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ ସାରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ଆଜି ଆଠଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରାଜକୁମାର ଦାସ ଉଭୟ ପକ୍ଷର ଯୁକ୍ତି ଓ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବାଶିଷ ସିଟ୍ ଏହି ମାମଲାକୁ ପରିଚାଳନା କରୁଥିଲେ।

# ବାବାଜୀ ପ୍ରଣବାନନ୍ଦ ଦାସଙ୍କ ପିତୃ ବିୟୋଗ



**କଟକ, ୨୩।୪(ସମିସ):** ପଦ୍ମଶ୍ରୀ ବାବା ବଳିଆଙ୍କ ପ୍ରମୁଖ ଶିଷ୍ୟ ବାବାଜୀ ପ୍ରଣବାନନ୍ଦ ଦାସ (ମନୁ ଭାଇ)ଙ୍କ ପିତା ଭୀମସେନ ଜେନାଙ୍କର ୮୬ ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଜଣେ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଭାବେ ସେ ଅଞ୍ଚଳରେ ଜଣେ ଧାର୍ମିକ, ମେଳାପୀ ଓ ପରୋପକାରୀ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମରଶରୀରକୁ ତେଲେଙ୍ଗାପେଣ୍ଠସ୍ଥିତ ବାସଭବନକୁ ଅଣାଯିବା ପରେ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗୁରୁଭାଇମାନେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନନ୍ତ ବଳିଆ ଆଶ୍ରମର ଅନ୍ତେବାସୀ ଓ ବେଦ ବିଦ୍ୟାର୍ଥୀଙ୍କ ପକ୍ଷରୁ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି, ଯେଉଁଠାରେ ବଡ଼ ପୁଅ ପ୍ରସନ୍ନ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନୂଆପାଟଣାରେ ବୟନ ଶିଳ୍ପ ନିର୍ଦ୍ଦେଶକ; ବୁଣାକାରଙ୍କ ୯ ଦଫା ଦାବିପତ୍ର



- 'ପଦ୍ମଶ୍ରୀ' ମନୋନୀତ ବାନ୍ଧଶିଳ୍ପୀ ଶରତ ପାତ୍ରଙ୍କ ଘରକୁ ଗଲେ ସୋମେଶ ଉପାଧ୍ୟାୟ
- ଖଣ୍ଡୁଆ ପାଟ ପାଇଁ ଜିଆଇ ଟ୍ୟାଗ୍ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ବୁଣାକାରଙ୍କ ଦାବି

ତିଗିରିଆ, ୨୪।୪(ସମିସ)

ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ କେନ୍ଦ୍ର ନୂଆପାଟଣାରେ ବୁଣାକାରଙ୍କ ସମସ୍ୟା ଅନୁଧ୍ୟାନ ଏବଂ ବୟନ ଶିଳ୍ପର ଉନ୍ନତି ପାଇଁ ରାଜ୍ୟ ହସ୍ତତନ୍ତ ବୟନ ଶିଳ୍ପ ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ ଆଜି ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବୁଣାକାରଙ୍କ ଦୈନିକ କାର୍ଯ୍ୟଶୈଳୀ ବୁଲି ଦେଖିବା ସହ ସେମାନଙ୍କ ଆର୍ଥିକ ଓ ବୈଷୟିକ ସମସ୍ୟା ସମ୍ପର୍କରେ ସିଧାସଳଖ ଆଲୋଚନା କରିଛନ୍ତି। ନିର୍ଦ୍ଦେଶକ ଶ୍ରୀ ଉପାଧ୍ୟାୟ ନୂଆପାଟଣା ନମ୍ବର-୧ ଓ ନମ୍ବର-୨ ତନ୍ତୁବାୟ ସହଯୋଗ ସମିତି ପରିଦର୍ଶନ କରିବା ସହ ଖଣ୍ଡୁଆ କମ୍ପ୍ଲେକ୍ସ ଏବଂ ଅଭିମାନପୁର ସାଧାରଣ ସୁବିଧା କେନ୍ଦ୍ର ବୁଲି ଦେଖିଥିଲେ। ବିଶେଷକରି, ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ ବାନ୍ଧଶିଳ୍ପୀ ଶରତ କୁମାର ପାତ୍ରଙ୍କ ଗୃହକୁ ଯାଇ ସେଠାରେ ଖଣ୍ଡୁଆ ପାଟ ବୟନର ସୂକ୍ଷ୍ମ କାରୁକାର୍ଯ୍ୟ ଅନୁଧ୍ୟାନ କରିଥିଲେ। ତାଙ୍କ ସହ ମୁଖ୍ୟାଳୟ ବୟନ ଶିଳ୍ପ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ଓ ସହକାରୀ ନିର୍ଦ୍ଦେଶକ ଜୟପ୍ରକାଶ ନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ବୁଣାକାର ସମିତି ପକ୍ଷରୁ ନିର୍ଦ୍ଦେଶକଙ୍କୁ ୯ଟି ପ୍ରସ୍ତାବ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୁଣାକାରଙ୍କ ଦୈନିକ ମଜୁରୀ ବୃଦ୍ଧି, ଛାତ୍ରବୃତ୍ତି ଯୋଜନାର ପୁନଃ ପ୍ରଚଳନ ଏବଂ ଟିଡି ସ୍କିମକୁ ଲାଗୁ କରିବା ପାଇଁ ଅନୁରୋଧ କରାଯାଇଛି। ଏଥିସହ ଖଣ୍ଡୁଆ ପାଟର ଉତ୍କର୍ଷତା ପାଇଁ ନୂଆପାଟଣାରେ କ୍ୟାଲେଣ୍ଡରିଂ ମେସିନ ସ୍ଥାପନ, ସ୍ୱତନ୍ତ୍ର ୱେବସାଇଟ୍ ନିର୍ମାଣ ଏବଂ ସମିତି କର୍ମଚାରୀଙ୍କୁ ସରକାରୀ ବେତନ ପ୍ରଦାନ ଭଳି ଦାବି ଉପସ୍ଥାପନ କରାଯାଇଛି। ନୂଆପାଟଣାର ଖଣ୍ଡୁଆ ପାଟକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ ପାଇଁ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଏବଂ ଏହାକୁ 'ଜିଆଇ ଟ୍ୟାଗ୍' ପ୍ରଦାନ କରିବାକୁ ସରକାରୀସ୍ତରରେ ପ୍ରୟାସ କରିବାକୁ ବୁଣାକାରମାନେ ଦୃଢ଼ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି କେଶବଚନ୍ଦ୍ର ପାତ୍ର, ବରିଷ୍ଠ ବୁଣାକାର ଅର୍ଜୁନ ପାଳ ଓ ଆଇନଜୀବୀ ସଞ୍ଜୟ କରଙ୍କ ସମେତ ବହୁ ବୟନ ଅଧିକାରୀ ଓ ଶିଳ୍ପୀ ଉପସ୍ଥିତ ଥିଲେ।

# ଏସ୍‌ୟୁସିଆଇର ପ୍ରତିଷ୍ଠା ଦିବସ



**କଟକ, ୨୪।୪(ସମିସ):** ଏସୟୁସିଆଇ ପାର୍ଟିର ୭୯ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଜି ଶହୀଦ ଭବନଠାରେ ବିଶାଳ ରାଜ୍ୟ ସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ କମିଟିର ଡାକରାରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ତଥା ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶମ୍ଭୁ ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଦଳର କେନ୍ଦ୍ରୀୟ କମିଟି ସଦସ୍ୟ ଦ୍ୱାରିକାନାଥ ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ପ୍ରଥମେ ପାର୍ଟି ପ୍ରତିଷ୍ଠା ଦିବସ ଉପଲକ୍ଷେ ଓ ପାର୍ଟି ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ କମ୍ପାନୀ ଗୁଡ଼ିକର ସ୍ୱାର୍ଥରେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଦ୍ୱାରା ବଳପୂର୍ବକ ବିସ୍ଥାପନ ଓ ଏହାର ବିରୋଧ କରୁଥିବା ସାଧାରଣ ଲୋକ ବିଶେଷକରି ଆଦିବାସୀ ଓ ଦଳିତ ଲୋକଙ୍କ ଉପରେ ଚାଲିଥିବା ଅକଥନୀୟ ପୁଲିସ ଅତ୍ୟାଚାର ବିରୁଦ୍ଧରେ ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ ମିଶ୍ର ଏକ ପ୍ରସ୍ତାବ ଆଗତ କରିଥିଲେ। ପରେ ପାର୍ଟି ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ ଶଙ୍କର ଦାସଗୁପ୍ତା ଓ ତାଙ୍କ ପରେ ସଭାର ମୁଖ୍ୟବକ୍ତା ଦ୍ୱାରିକା ନାଥ ରଥ ନିଜ ନିଜର ଅଭିଭାଷଣ ରଖିଥିଲେ।

